ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.141 Bhubaneswar Sunday, July 18, 2021 ୨୪ତମ ବର୍ଷ ସଂଖ୍ୟା-୧୪୧ ଭୁବନେଶ୍ୱର ରବିବାର, ଜୁଲାଇ ୧୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଗୋଟିଏ ଦିନରେ ୨୧୮୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୧୮୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୨୧୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୨୫୫୨୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୧୫୪୦ ରହିଛି । ଆଜି ଚିହ୍ନଟ ହୋଇଥିବା ୨୧୮୨ଜଣଙ୍କ ମଧ୍ୟରୁ ୧୨୫୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୨୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୧୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୮୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୬୧ ଜଣ, ବରଗଡ଼ରୁ ୧୫ ଜଣ, ଭଦ୍ରକରୁ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୬, କଟକରୁ ୩୦୮, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୦ ଜଣ, ଗଜପତି ଜିଲ୍ଲାରୁ ୪ , ଗଞ୍ଜାମରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୭ ଜଣ, ଯାଜପୁରରୁ ୧୭୫ ଜଣ, ଝାରସୁଗୁଡ଼ାରୁ ୯ ଜଣ, କଳାହାଣ୍ଡିରୁ ୯ ଜଣ, କନ୍ଧମାଳ ଜିଲ୍ଲାରୁ ୧୪ ଜଣ. କେନ୍ଦ୍ରାପଡ଼ାରୁ ୫୫ ଜଣ, କେନ୍ଦୁଝରରୁ ୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୧୦ ଜଣ, କୋରାପୁଟରୁ ୨୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୯୨ ଜଣ, ନବରଙ୍ଗପୁରରୁ ୧୬ ଜଣ, ନୟାଗଡ଼ରୁ ୭୫ ଜଣ, ନୂଆପଡ଼ାରୁ ୦୨ ଜଣ, ପୁରୀରୁ ୯୪ ଜଣ, ରାୟଗଡ଼ାରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୪ ଜଣ, ସୋନପୁରରୁ ୧୩ ଜଣ, ସୁନ୍ଦରଗଡ଼ରୁ ୫୪ ଜଣ ଓ ଷ୍ଟେଟ୍ ପୁଲରୁ ୯୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।



ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନ ଅଭିଯୋଗ ଏବଂ ପେନସନ୍, ପରମାଣୁ ଶକ୍ତି ଏବଂ ମହାକାଶ ମନ୍ତ୍ରୀ ଜିତେନ୍ଦ୍ର ସିଂ ଭାରତ ଏଣ୍ଟରପ୍ରାଇଜ ସେଣ୍ଟ୍ରାଲ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପରିଦର୍ଶନ କରିଛନ୍ତି

## ଆଜ୍ଞାମାଳ ବିଜେ ପରେ ତିନି ରଥ ନାକଚଣା ଦ୍ୱାରରେ ଲାଗିଲା

ପୁରୀ, ୧୭।୭(ପି.ଏନ): ଆଜି ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତିଙ୍କ ବିଭିନ୍ନ ନୀତିକାନ୍ତି ଚାଲୁ ରହିଛି । ୬ଟା ୫୦ରେ ଦ୍ୱାରଫିଟା, ୭ଟା ୧୫ ମିନିଟରେ ଭିତର ଶୋଧ, ୭ଟା ୨୦ ରେ ମଙ୍ଗଳ ଆଳତୀ, ୭ଟା ୨୫ ମଇଲମ, ୭ଟା ୫୦ ତଡ଼ପ ଲାଗି, ୮ଟାରେ ଅବକାଶ ପୂଜା, ୮ଟା ୨୦ ରେ ମଇଲମ, ୯ଟାରେ ସୂର୍ଯ୍ୟପୂଜା, ୯ଟା ୧୫ ରେ ଦ୍ୱାରପାଳ ପୂଜା, ୯ଟା ୩୫ ରେ ଗୋପାଳ ବଲ୍ଲଭ ଭୋଗ, ୧୦ଟା ୧୫ ରେ ସକାଳ ଧୂପ ନୀତି ପରେ ୧୧ଟା ୫୫ ମିନିଟ୍ ରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ତିନୋଟି ଆଜ୍ଞାମାଳ ତିନି ଜଣ ସେବକ ତିନି ବାଡ଼ରୁ ଆଣି ତିନି ରଥରେ ବିଜେ କରାଇଥିଲେ । ପରେ ତିନି ରଥ ଦକ୍ଷିଣମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## ଜୁଲାଇ ୨୬ରୁ ଖୋଲିବ ଦଶମ ଓ ଦ୍ୱାଦଶ ଶ୍ରେଣୀ

ଭୁବନେଶ୍ୱର, ୧୭।୭(ପି.ଏନ): ଆସନ୍ତା ଜୁଲାଇ ୨୬ ତାରିଖରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିବ। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠ ପଢା ୨୬ ତାରିଖରୁ ଆରମ୍ଭ ହେବ। ଯେଉଁ ସ୍କୁଲରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଛି ସେଠାରେ ପରୀକ୍ଷା ପରେ ଖୋଲାଯିବ । ତେବେ ସ୍କୁଲକୁ ଆସିବା ଛାତ୍ରଛାତ୍ରୀଙ୍କ ଇଚ୍ଛାଧୀନ ରହିବ। ଏଥିସହ ସମସ୍ତ ଶ୍ରେଣୀର ଅନଲାଇନ୍ କ୍ଲାସ୍ ଜାରି ରହିବ। ଗଣଶିକ୍ଷା ବିଭାଗ ସଚିବ ସତ୍ୟବ୍ରତ ସାହୁ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ସ୍କୁଲ ସକାଳ ୧୦ଟାରୁ ଦିନ ୧ଟା ୩୦ ପର୍ଯ୍ୟନ୍ତ ଖୋଲିବ। ସ୍କୁଲରେ ଖେଳଛୁଟି ହେବନି। ରବିବାର ଓ ସମସ୍ତ ସରକାରୀ ଛୁଟି ଦିନ ମାନଙ୍କରେ ସ୍କୁଲ ବନ୍ଦ ରହିବ। ପିଲାମାନେ ଅଭିଭାବକମାନଙ୍କ ସହ ଆଲୋଚନା କରି ସ୍କୁଲ ଆସି ପାରିବେ। ସ୍କୁଲ ଖୋଲିବା ନେଇ ଜିଲ୍ଲାପାଳ ନିଷ୍ପତି ନେବେ। ଅପରପକ୍ଷରେ ଅଗଷ୍ଟ ୧୬ ତାରିଖରୁ ନବମ ଶ୍ରେଣୀ ଖୋଲିବା ନେଇ ଗଣଶିକ୍ଷା ସଚିବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରେ ନବମ ଶ୍ରେଣୀ ଖୋଲିବା ନେଇ ଚିନ୍ତା କରାଯିବ। ଯଦି ପରିସ୍ଥିତି ଠିକ୍ ରହେ ତେବେ ଅଗଷ୍ଟ ୧୬ ତାରିଖରୁ ନବମ ଶ୍ରେଣୀ ଖୋଲିପାରେ। ସେହିପରି ସେପ୍ଟେମ୍ବର ୧୫ରୁ ଏକାଦଶ ଶ୍ରେଣୀ ଆରମ୍ଭ ନେଇ ଚିନ୍ତା କରାଯାଉଛି।

## ସୋମବାର ଠାରୁ ସ୍ୱାଭାବିକ ହେବ ବସ୍ ଚଳାଚଳ

ଭୁବନେଶ୍ୱର, ୧୭।୭(ପି.ଏନ): ରାଜ୍ୟରେ ସୋମବାର ଠାରୁ ସ୍ୱାଭାବିକ ହେବ ବସ୍ ଚଳାଚଳ। ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ସହ ଆଲୋଚନା ପରେ ଘରୋଇ ବସ୍ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର ସାହୁ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଘରୋଇ ବସ୍ ମାଲିକ ସଂଘ ସହ ସରକାରଙ୍କ ଆଲୋଚନା ସଫଳ ହୋଇଛି। ସଂଘର ଦାବି ଉପରେ ସରକାର ଶୀଘ୍ର ନିଷ୍ପତି ନେବେ ବୋଲି ପ୍ରତିଶ୍ରୁତ ଦେଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ରାଜ୍ୟ ସରକାର ୧୬ ତାରିଖ ଠାରୁ ସାରା ରାଜ୍ୟରେ ବସ୍ ଚଳାଚଳ କରିବାକୁ ଅନୁମତି ଦେଇଥିଲେ ମଧ୍ୟ ବସ୍ ସେବା ସ୍ୱାଭାବିକ ହୋଇ ପାରିନଥିଲା। ୭ ଦଫା ଦାବି ନେଇ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ନହେଲା ପର୍ଯ୍ୟନ୍ତ ବସ୍ ଗଡ଼ି ପାରିବ ନାହିଁ ବୋଲି ଓଡ଼ିଶା ବସ୍ ଆସୋସିଏସନ ଚେତାବନୀ ଦେଇଥିଲା। ୧ ଲକ୍ଷ ଟଙ୍କା ସହାୟତା ରାଶି, ବୀମା ଅବଧି ବୃଦ୍ଧି, ଇଏମ୍ଆଇ ଘୁଂଚାଇବା ଆଦି ୭ ଦଫା ଦାବି ଉଠାଇ ବସ୍ ନଚଳାଇବାକୁ ନିଷ୍ପତି ନେଇଥିଲା ସଂଘ।

## ଗୁଣ୍ଡିଚା ପରି ବାହୁଡ଼ାରେ ମଧ ପୁରୀ ସହରରେ କର୍ଫ୍ୟୁ ବଳବତର ରହିବ- ଜିଲ୍ଲାପାଳ

ପୁରୀ, ୧୭।୭(ପି.ଏନ): ଗୁଣ୍ଡିଚା ପରି ବାହୁଡ଼ାରେ ମଧ ପୁରୀ ସହରରେ କର୍ଫ୍ୟୁ ବଳବତର ରହିବ। ସୋମବାର ରାତି ୮ଟା ଠାରୁ ବୁଧବାର ରାତି ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତର ରହିବ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି । ସେହିପରି ଗୁଣ୍ଡିଚା ଭଳି ବାହୁଡ଼ାରେ ମଧ ବଡ଼ଦାଣ୍ଡରେ କୌଣସି ଶ୍ରଦ୍ଧାଳୁ ଛାତ ଉପରୁ ରଥ ଦେଖିପାରିବେ ନାହିଁ । ଏହା ବ୍ୟତୀତ ରବିବାର ଠାରୁ ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ଥିବା ହୋଟେଲ, ଲଜିଂ ବନ୍ଦ ରହିବ । ସୋମବାର ଠାରୁ ଦୋକାନ ବନ୍ଦ ରହିବ ।

## ଜମି ବିକ୍ରି ଚୁକ୍ତିପତ୍ର ପାଇଁ ଷ୍ଟାମ୍ପ ଡ୍ୟୁଟି କମିଲା

ଭୁବନେଶ୍ୱର, ୧୭।୭(ପି.ଏନ): ଭୂସମ୍ପତି ଓ ଗୃହ ବିକ୍ରୟ ପାଇଁ କ୍ଷମତା ପତ୍ର ଓ ଗୃହ ନିର୍ମାଣ ତଥା ବାସପୋଯୋଗୀ କରିବାକୁ ଚୁକ୍ତି ପତ୍ର ପାଇଁ ଷ୍ଟାମ୍ପ ଦେୟ ହ୍ରାସ କରାଯାଇଛି। ପୂର୍ବରୁ ୫% ଷ୍ଟାମ୍ପ ଡ୍ୟୁଟି ଆଦାୟ ହେଉଥିବା ବେଳେ ବର୍ତମାନ ୨% ଷ୍ଟାମ୍ପ ଡ୍ୟୁଟି ଅଦାୟ ହେବ। ଏହାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜସ୍ୱ ବୃଦ୍ଧି ପାଇଁ ପୁରୁଣା ଦଲିଲ୍ ର ନକଲ ପାଇବାକୁ ଷ୍ଟାମ୍ପ ଦେୟ ୧୦ ଟଙ୍କାରୁ ୧୦୦ ଟଙ୍କାକୁ ବଦ୍ଧି କରାଯାଇଛି। ତେବେ ସମାନ ପକ୍ଷ ମଧ୍ୟରେ ଏବଂ ଏକା ସମ୍ପତି ଉପରେ କ୍ଷମତାପତ୍ର ଓ ଚୁକ୍ତିପତ୍ର ଦଲିଲ୍ କଲେ , ଦ୍ୱିତୀୟ ଦଲିଲରେ ଷ୍ଟାମ୍ପ ଦେୟ ହଜାରେ ଟଙ୍କା ଦେବାକୁ ହେବ। ସମ୍ପତି ବିକ୍ରି ପାଇଁ ଚୁକ୍ତି କ୍ଷେତ୍ରରେ ପୂର୍ବରୁ ଦିଆଯାଇଥିବା ଷ୍ଟାମ୍ପ ଦେୟ ଚୁକ୍ତିନାମା ଅନୁସାରେ ସେହି ବ୍ୟକ୍ତି ବିକ୍ରୟ କବଲା ସମୟରେ ଦଲିଲରେ ଦେବାକୁ ଥିବା ଷ୍ଟାମ୍ପ ଦେୟ ସହ ଆଡଜଷ୍ଟ କରାଯିବ। ଏହାଦ୍ୱାରା ଜନସାଧାରଣ ନିର୍ମାଣାରୀ ସସ୍ଥା ଠାରୁ ଅପେକ୍ଷାକୃତ କମ୍ ମଲ୍ୟରେ ଜମି ଓ ବାସଗୃହ କିଣିପାରିବେ। ଭୂସମ୍ପତି ବିକ୍ରି ପାଇଁ ପରିବାର ସଦସ୍ୟଙ୍କ ମଧ୍ୟରେ କ୍ଷମତାପତ୍ର ଦଲିଲ୍ ରେ ବୋହୂ , ନାତି, ନାତୁଣୀ , ଜେଜେ ବାପା ଓ ଜେଜେମାଙ୍କ ମଧ୍ୟ ଅନ୍ତଭୁକ୍ତ କରାଯାଇଛି।

## ୟୁଜିସି ଜାରୀ କଲା ନୂତନ ଶିକ୍ଷାବର୍ଷର ଶୈକ୍ଷଣୀୟ କ୍ୟାଲେଣ୍ଡର

ନୂଆଦିଲ୍ଲୀ, ୧୭।୭(ପି.ଏନ): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କରୋନା କଟକଣାକୁ ଅନୁପାଳନ କରି ୨୦୨୧-୨୨ ନୂତନ ଶିକ୍ଷାବର୍ଷରେ ଆଡମିଶନ ଓ ପରୀକ୍ଷାକୁ ନେଇ ନୂଆ ଦିଶା ନିର୍ଦ୍ଦେଶ ଓ ଶୈକ୍ଷଣୀୟ କ୍ୟାଲେଣ୍ଡର ଜାରି କରିଛି । ନୋଟିସ୍ ଅନୁଯାୟୀ, ପ୍ରଥମ ବର୍ଷର କ୍ଲାସ ଆସନ୍ତା ଅକ୍ଟୋବର ୧ ଠାରୁ ଆରମ୍ଭ ହେବ ।ଆୟୋଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜକୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ସ୍ନାତକ ଓ ସ୍ନାତକୋତର ପାଠ୍ୟକ୍ରମ ପାଇଁ ପ୍ରବେଶ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଥମ ସେମିଷ୍ଟାରର କ୍ଲାସ୍ ଅକ୍ଟୋବର ୧ ତାରିଖ କିମ୍ବା ଏହା ପୂର୍ବରୁ ଆରମ୍ଭ ହେବ । ଖାଲିଥିବା ସିଟ୍ ପୂରଣ ପାଇଁ ଶେଷ ତାରିଖ ଅକ୍ଟୋବର ୩୧ ରହିଛି । ୟୁଜିସି ପକ୍ଷରୁ କୁହାଯାଇଛି ଯେ, ସ୍ନାତକର ଦ୍ୱିତୀୟ ଓ ତୃତୀୟ ବର୍ଷ ତଥା ସ୍ନାତକୋତର ଦ୍ୱିତୀୟ ବର୍ଷର ଛାତ୍ର ମାନଙ୍କର କ୍ଲାସ୍ ଖୁବ୍ ଶୀଘ୍ର ଅନ୍ ଲାଇନ୍ କିମ୍ବା ଅଫ୍ ଲାଇନ୍ ମୋଡ୍ ରେ ଆରମ୍ଭ ହେବା ଆବଶ୍ୟକ । ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କଲେଜକୁ (୨୦୨୦-୨୧) ଶିକ୍ଷାବର୍ଷ ପାଇଁ ଟର୍ମିନାଲ୍ ସେମିଷ୍ଟର ଏବଂ ଶେଷ ବର୍ଷ ସେମିଷ୍ଟରର ପରୀକ୍ଷା ୩୧ ଅଗଷ୍ଟ ୨୦୨୧ ପର୍ଯ୍ୟନ୍ତ ଅନ୍ ଲାଇନ୍ କିମ୍ବା ଅଫ୍ ଲାଇନ୍ (ପେନ୍ ପେପର୍ ମୋଡ୍) କିମ୍ବା ବ୍ଲେଣ୍ଡେଡ୍ ମୋଡ୍ ରେ ସମ୍ପନ୍ନ କରାଯିବା ଉଚିତ୍ । ସେହିପରି ପରୀକ୍ଷା ଗୁଡିକର ଆୟୋଜନ କରୋନା ଗାଇଡ୍ ଲାଇନକୁ ଅନୁପାଳନ କରି କରାଯିବା ଉଚିତ୍ । ସେହିପରି ଉଚ୍ଚ ଶିକ୍ଷା ସଂସ୍ଥାନ ଗୁଡିକୁ ଏହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଶିକ୍ଷାବର୍ଷ ୨୦୨୧-୨୨ ପାଇଁ ସ୍ନାତକ ପାଠ୍ୟକ୍ରମ ପାଇଁ ପ୍ରବେଶ ପକ୍ରିୟା ସିବିଏସଇ, ଆଇସିଏସଇ ଏବଂ ରାଜ୍ୟ ବୋର୍ଡ଼ ଦ୍ୱାରା ଫଳାଫଳ ଘୋଷଣା ପରେ ହିଁ ଆରମ୍ଭ ହେବ । ଏହା ମଧ ଧ୍ୟାନ ଦିଆଯିବା ଆବଶ୍ୟକ ଯେ, ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ବୋର୍ଡ଼ ସହିତ ସିବିଏସଇ ଏବଂ ସିଆଇଏସସିଇକୁ ନିର୍ଦ୍ଦେଶ ଦେଇଥିଲେ ଯେ, ସେମାନେ ଜୁଲାଇ ୩୧ ତାରିଖ ପୂର୍ବରୁ ବୋର୍ଡ଼ର ଫଳାଫଳ ଘୋଷଣା କରନ୍ତୁ । ଯାହାଦ୍ୱାରା କଲେଜ ଆଡମିଶନ ସମୟରେ ଏକ ସୁଗମ ପ୍ରବେଶ ପ୍ରକ୍ରିୟା ସୁନିଶ୍ଚିତ ହୋଇପାରିବ । କାରଣ ଦେଶ ବ୍ୟାପୀ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଆଡମିଶନ ଅଗଷ୍ଟରେ ଆରମ୍ଭ ହେବାର ସମ୍ଭାବନା ରହିଛି ।

## ସଂକ୍ରମଣ ବଢୁଛି , ସଜାଗ ରୁହ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୭(ପି.ଏନ): ବିଶ୍ୱରେ କିଛି ଦେଶର କରୋନା ସଂକ୍ରମଣ ହାର ବଢୁଛି। ତେବେ ଗୁରୁତର ରୋଗୀଙ୍କ ସଂଖ୍ୟା କମ ରହୁଛି। କରୋନା ନେଇ ଭାରତ ସରକାରଙ୍କ ପୂର୍ବପ୍ରସ୍ତୁତି ସ୍ୱାଗତଯୋଗ୍ୟ। ଆମେ ପୂର୍ବରୁ ବି ଦେଖିଛେ ଗୋଟିଏ ଲହର ୩ରୁ ୪ ମାସ ରହୁଛି । ସେଥିପାଇଁ ତାକୁ ଦୃଷ୍ଟିରେ ରଖି ସଜାଗ ରହିବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ସଂକ୍ରମଣ ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ବା ସରକାରଙ୍କ ପକ୍ଷରୁ କିଛି ଆକ୍ଟିଭିଟି କରାଯିବ। କମ୍ୟୁନିଟି ବି ତାକୁ ମାନିବେ। କିଛି ଏନଫୋର୍ସମେଂଟ ହେବ। ଏହିଭଳି ଯାହା କାର୍ଯ୍ୟ ଅଛି ତାହା ଚାଲିବ। ଆମେ ସମସ୍ତେ ସମସ୍ତଙ୍କର ଦାୟିତ୍ୱ ନିର୍ବାହ କରିବା ଦରକାର ।ତୃତୀୟ ଲହର ପାଇଁ ପ୍ରସ୍ତୁତ ଅଛୁ। ସର୍ଭେଲାନ୍ସ ଟିମ ମଧ୍ୟ ପ୍ରସ୍ତୁତ ଅଛନ୍ତି। ଟେଷ୍ଟିଂକୁ ବଢ଼େଇବା କାର୍ଯ୍ୟ ଜାରି ରହିଛି। ଟିକା ମିଳିବା ଅନୁଯାୟୀ ଟିକାକରଣ ଚାଲିଛି। ଟିକା ନିଅନ୍ତୁ ବା ନ ନିଅନ୍ତୁ କି ରୋଗ ଥାଉ କି ନଥାଉ ଆପଣମାନେ କୋଭିଡ କଟକଣା ମାନନ୍ତୁ, କାରଣ କୋଭିଡ ଏବେ ବି ଆମ ପରିବେଶ ଭିତରେ ବୁଲୁଛିବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବର୍ତମାନ ପର୍ଯ୍ୟନ୍ତ ବି ଆମ ରାଜ୍ୟରେ ସେକେଣ୍ଡ ୱେଭ ଜାରି ରହିଛି। ବିଭିନ୍ନ ସମୟରେ ଏହା ଉପର ତଳ ହେଉଛି। ବିଶେଷ କରି ଆମର କଟକ ଓ ଭୁବନେଶ୍ୱର ପାଇଁ କିଛିଟା ଚିନ୍ତା ରହିଛି। ଆମେ ଆହୁରି ଏନଫୋର୍ସମେଂଟ କରିବାକୁ ଚିନ୍ତା କରୁଛୁ। ଟିକା ନେବା ପରେ ବି ଲୋକମାନେ ସଂକ୍ରମିତ ହେଉଛନ୍ତି, ମାତ୍ର ସେହି କ୍ଷେତ୍ରରେ ସିଭିୟରିଟି କମ୍ ରହୁଛି।

## ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା ପାଇଁ ଗାଇଡ୍ ଲାଇନ୍ : ପରୀକ୍ଷା କେନ୍ଦ୍ରରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ

ଭୁବନେଶ୍ୱର, ୧୭।୭(ପି.ଏନ): ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା ନେଇ ଗଣଶିକ୍ଷା ବିଭାଗ ଗାଇଡ୍ ଲାଇନ୍ ଜାରି କରିଛି। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ଏବଂ ପରୀକ୍ଷା ଶେଷ ହେବା ପରେ ପରୀକ୍ଷା କେନ୍ଦ୍ର ଗୁଡିକୁ ସାନିଟାଇଜ୍ କରାଯିବ। ପ୍ରତି ପରୀକ୍ଷା କେନ୍ଦ୍ରରେ ଗୋଟିଏ ଲେଖାଏଁ ଆଇସୋଲେସନ୍ ରୁମ୍ ରହିବ। ସମସ୍ତ ପରୀକ୍ଷାର୍ଥୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ତାଙ୍କର ଥର୍ମାଲ ସ୍କାନିଂ କରାଯିବ । ପରୀକ୍ଷା କେନ୍ଦ୍ରରେ ସମସ୍ତେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ଅଟେ। ବିନା ମାସ୍କରେ ଗଲେ ପରୀକ୍ଷା କେନ୍ଦ୍ରକୁ ଛଡାଯିବ ନାହିଁ । ପରୀକ୍ଷା ପରିଚାଳନାରେ ଥିବା ସମସ୍ତ କର୍ମଚାରୀଙ୍କର କୋଭିଡ୍ ଟେଷ୍ଟ କରାଯିବ। ମୂଲ୍ୟାୟନ କେନ୍ଦ୍ରରେ ମଧ ସାନିଟାଇଜେସନ୍ ହେବ, କୋଭିଡ୍ ନିୟମର ପାଳନ କରାଯିବ। ଜୁଲାଇ ୩୦ରୁ ଅଗଷ୍ଟ ୫ ତାରିଖ ଯାଏଁ ହେବ ପରୀକ୍ଷା। ଅଗଷ୍ଟ ୧୦ରୁ ୧୫ ମଧ୍ୟରେ ପରୀକ୍ଷା ଖାତା ମୂଲ୍ୟାୟନ ହେବ। ଅଗଷ୍ଟ ୨୨ ତାରିଖ ଭିତରେ ବାହାରିବ ଅଫଲାଇନ୍ ମାଟ୍ରିକ୍ ରେଜଲ୍ଟ । ପରୀକ୍ଷା କେନ୍ଦ୍ରରେ କରୋନା ନିୟମ ପାଳନର ତଦାରଖ ପାଇଁ ଜିଲ୍ଲା ଓ ବ୍ଲକ ସ୍ତରରେ କୋଭିଡ୍ ସ୍କାର୍ଡ ରହିବେ। ଉଲ୍ଲେଖ୍ୟଯୋଗ୍ୟ ମାଟ୍ରିକ୍ ପରୀକ୍ଷା ମୂଲ୍ୟାୟନକୁ ନେଇ ଯେଉଁ ଛାତ୍ରଛାତ୍ରୀମାନେ ଅସନ୍ତୁଷ୍ଟ ରହିଥିଲେ, ସେମାନଙ୍କ ପାଇଁ ଅଫଲାଇନ୍ ପରୀକ୍ଷାର ବ୍ୟବସ୍ଥା କରିଛି ଗଣଶିକ୍ଷା ବିଭାଗ। ଏଥିପାଇଁ ଗତ ଜୁଲାଇ ୫ ତାରିଖରୁ ୧୫ ତାରିଖ ମଧରେ ଫର୍ମଫିଲପ ପ୍ରକ୍ରିୟା ମଧ ଶେଷ ହୋଇସାରିଛି। ଗଣଶିକ୍ଷା ସଚିବଙ୍କ ସୂଚନା ଅନୁଯାୟୀ, ୧୫ ହଜାର ୧୧୫ ଜଣ ଛାତ୍ରଛାତ୍ରୀ ପୁନର୍ବାର ପରୀକ୍ଷା ଦେବା ନେଇ ଫର୍ମଫିଲପ କରିଛନ୍ତି।

## ୧୫ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର, ୧୭।୭(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧକ୍ଷତାରେ ଶନିବାର ସଂଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଆନ୍ତରାଜ୍ୟ ସଂଯୋଗୀକରଣକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ୍ ୨୩ କିମି ଦୈର୍ଘ୍ୟ ଦୁଇ ଥାକିଆ ଡୁଡୁକା-ଗୋପାଳପୁର-ତୋପାରିଆ ରାସ୍ତାକୁ ପ୍ରଶସ୍ତ କରାଯିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପରେ ୧୦୨.୬୫ କୋଟି ଟଙ୍କା ବ୍ୟୟ ହେବ ଏବଂ ଏହା ବସୁନ୍ଧରା କୋଇଲା ଖଣିକୁ ଯାନବାହନ ଚାଳାଚଳରେ ସହାୟକ ହେବ ।ସେହିପରି ଗ୍ରାମାଂଚଳର ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ଗୁରୁତ୍ୱ ଦେଇ ରାଜ୍ୟ କ୍ୟାବିନେଟ୍ କଟକ ଜିଲ୍ଲା ପାଇଁ ବୃହତ୍ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପକୁ ଅନୁମୋଦନ କରିଛି । ଏହା ଦ୍ୱାରା ୨.୫୦ ଲକ୍ଷରୁ ଅଧିକ ଲୋକ ବିଶୁଦ୍ଧ ପାନୀୟ ଜଳ ପାଇବେ ଏବଂ ଏଥି ପାଇଁ ୨୭୫.୩୯ କୋଟିରୁ ଅଧିକ ଅର୍ଥ ବ୍ୟୟ କରାଯିବ । ସୁନ୍ଦରଗଡ଼ ଜିଲ୍ଲା ପାଇଁ ୨ଟି ବୃହତ୍ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ୨୪ ମାସର ସମୟସୀମା ମଧରେ ସଂପୂର୍ଣ୍ଣ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୧୦ଟି ବ୍ଲକ୍ ର ୬ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ।ଏହା ବ୍ୟତୀତ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟୱର୍କ (ଓସ୍ୱାନ୍) ଅପଗ୍ରେଡେସନ୍ ପାଇଁ ୩୩୨ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ପ୍ରକଳ୍ପ ରାଜ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତିଭୂମି ବଢ଼ାଇବ ।ସଂରକ୍ଷିତ ଖଣିରୁ ଆସିବାକୁ ଥିବା ଖଣ୍ଡାଲାଇଟ ପଥ ଉପରୁ ରୟାଲଟି ଛାଡ଼ ହେବ । ଖଣ୍ଡାଲାଇଟ୍ ପଥର ଅବଢ଼ା ଯୋଜନା ଓ ଅନ୍ୟ ଐତିହ୍ୟସ୍ଥଳ ବିକାଶରେ ଲାଗିବ । ଏହା ବ୍ୟତୀତ ଓଡିଶା ବେସାମରିକ ସେବା (ପଦୋନ୍ନତି ପାଇଁ ମାନଦଣ୍ଡ) ନିୟମାବଳୀ , ୧୯୯୨ର ସଂଶୋଧନ, ଓଡିଶା ମୁଖ୍ୟ ବିଭାଗୀୟ ଦପ୍ତର(ମୁଖ୍ୟ ବିଭାଗୀୟ ଦପ୍ତର କାର୍ଯ୍ୟାଳୟ ପ୍ରତିଷ୍ଠାନ ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଓ ସେବା ସର୍ତ ) କମନ୍ କ୍ୟାଡର ନିୟମାବଳୀ ୨୦୧୯ର ସଂଶୋଧନ , ଓଡିଶା ଅଧସ୍ତନ ପରିସଂଖ୍ୟାନ ଓ ଅର୍ଥନୀତି ସେବା ନିୟମ୧୯୯୪ର ସଂଶୋଧନ , ଓଡିଶା ସରକାରୀ ଲ୍ୟାଣ୍ଡ ସେଟଲମେଂଟ ନିୟମ ୧୯୬୨ ସଂଶୋଧନ, ଓଡିଶା କାରଗାର ଫାର୍ମାସିଷ୍ଟ ସେବା (ନିଯୁକ୍ତି ପଦ୍ଧତି ଓ ସେବାସର୍ତ ନିୟମାବଳୀ) ୨୦୨୧ ର ପ୍ରଣୟନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।










# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଂଶଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ଼ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ଶବରୀ ନାରାୟଣ ଛତିଶଗଡ଼ର ପାବନ ପୁରୀଧାମ



ଭାରତ ହେଉଛି ପୃଥିବୀର ଏକ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶ । ମୁନିଋଷିମାନେ ଏ ଦେଶର ଧର୍ମ, ସଂସ୍କୃତି ତଥା ଦର୍ଶନକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ସ୍ଥଳ ଅଛି ତଥାପି ଚାରୋଟି ଧାର୍ମିକ ସ୍ଥଳକୁ ଶ୍ରେଷ୍ଠ ମାନ୍ୟତା



ମିଳିଛି । ତା’ମଧ୍ୟରୁ ପାବନ ପୁରୀ ଧାମ ଅନ୍ୟତମ । ଯାହାର ଆରାଧ୍ୟ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଭାରତବର୍ଷରେ ଛତିଶଗଡ଼ ରାଜ୍ୟରେ ଥିବା ବିଳାଶପୁର ସହରରୁ ୬୪ କି.ମି. ଦୂରରେ ପରମ ପାବନ “ଶବରୀ ନାରାୟଣ ଧାମ”କୁ ପୁରୀର ମାନ୍ୟତା ମିଳିଛି । ସେଠାରେ ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଙ୍କୁ ଅନେକ ଦିନ ଧରି ଅପେକ୍ଷାରତ ଥିବା ଶବରୀ ନିଜେ କୋଳି ଖୁଆଇଦେବାର କିମ୍ବଦନ୍ତୀ ଆଜି ମଧ୍ୟ ଜନମାନସରେ ପ୍ରତିଧ୍ୱନିତ ହେଉଛି । ବିଭିନ୍ନ ଐତିହାସିକ ବିବରଣୀ ଅନୁସାରେ ସମ୍ବତ ୧୯୨୭ ମସିହାରେ ମହନ୍ତ ଅର୍ଜ୍ଜୁନ ଉଦ୍ଦେଶ୍ୟରେ ରାମଲୀଳା, ରାସଲୀଳା ବିଭିନ୍ନ ଧାର୍ମିକ ନାଟକ ଅନୁଷ୍ଠିତ କରି ଆଜି ମଧ୍ୟ ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଠିକ୍ ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ପ୍ରତିବର୍ଷ ରଥ ତିଆରି ହେଉଥିଲା ମାତ୍ର ସମୟାନୁକ୍ରମେ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏକ ଲୌହ ନିର୍ମିତ ରଥରେ ଆଜି ମଧ୍ୟ ରଥଯାତ୍ରା ହେଉଅଛି । ଏହି କ୍ଷେତ୍ରର ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କର ରଥ ଦଉଡ଼ିକୁ ଟାଣିଥାନ୍ତି ଏବଂ ରଥକୁ ବିଭିନ୍ନ ସ୍ଥାନରେ ଅଟକାଇ ଭକ୍ତମାନେ ପୂଜା ପାଠ ନୈବେଦ୍ୟ ସମର୍ପଣ କରିଥାନ୍ତି । ପ୍ରସାଦ ଭାବେ ଏଠାରେ ଲିଆ, ଗଜାମୁଗ ଓ ନଡ଼ିଆ ଭୋଗ ହୋଇଥାଏ । ଏହି ରଥଯାତ୍ରା ଦିନଟିକୁ ସମ୍ପୂର୍ଣ୍ଣ ଛତିଶଗଡ଼ରେ ପରମ ପବିତ୍ର ଦିନ ରୂପେ ପାଳନ କରାଯାଏ । ଏହି ଦିନରେ ନୂତନ ଗୃହ ପ୍ରତିଷ୍ଠା, ଦୋକାନ, କାରବାରର ଶୁଭାରମ୍ଭ ହୋଇଥାଏ । ଏହି ଦିନଟିରେ ଘରକୁ ଦୂରରେ ରହୁଥିବା ବନ୍ଧୁ, ବାନ୍ଧବଙ୍କର ଏକତ୍ରିକରଣ ହୋଇ ଆନନ୍ଦ ମହୋତ୍ସବ ଲାଗିଥାଏ । ପିଲାଙ୍କଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ





ଦାସଙ୍କ ପ୍ରେରଣାରେ ଭଟ୍ଟଗାଁର ଜମିଦାର ରାଜସିଂହ ଜଗନ୍ନାଥ ମନ୍ଦିରର ମୂଳଦୁଆ ପକାଇଥିଲେ । ମାତ୍ର ତାଙ୍କର ପରମ ଭକ୍ତ ପୁତ୍ର ଚନ୍ଦନ ସିଂହ ପିତାଙ୍କ ଅଧୁରା ଇଚ୍ଛାକୁ ପୂରଣ କରି ସେହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ସ୍ଥାପନା କରାଇଥିଲେ । ସୁପ୍ରସିଦ୍ଧ ସାହିତ୍ୟିକ ଏବଂ ତତ୍କାଳିନ ଶବରୀ ନାରାୟଣ ତହସିଲର ତହସିଲଦାର ଠାକୁର ଜଗମୋହନ ସିଂହ ତାଙ୍କର ପୁସ୍ତକ “ପ୍ରଳୟ”ରେ ଉଲ୍ଲେଖ କରିଛନ୍ତି ଯେ ମହାନଯୋଗୀ ଶ୍ରୀ ଗୌତମ ଦାସଙ୍କର ସୁନ୍ଦର ବଗିଚା କୌଣସି ସମୟରେ ଏକ ଉଚ୍ଚ ପାହାଡ଼ ଥିଲା । ତାଙ୍କ କଥାନୁସାରେ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମାତା ସୁଭଦ୍ରା ଏହି ସ୍ଥାନରେ ୭ ଦିନ ବିଶ୍ରାମ କରିଥିଲେ । ତେଣୁ ଏଠାର ଲୋକେ ଏହାକୁ ଜନକପୁର ମଧ୍ୟ ଆଖ୍ୟା ଦେଇଛନ୍ତି । ଆହୁରି ମଧ୍ୟ ମାଖନ ସାବଙ୍କର କନିଷ୍ଠ ଅନୁଜ ସୋଭାରାମଙ୍କର ପୌତ୍ର ପରାଧିୟା ସାବ ଜଗନ୍ନାଥ ପୁରୀର ରଥଯାତ୍ରା ପରେ “ଶବରୀ ନାରାୟଣ”ରେ ପଣ୍ଡିତ ଧର୍ମାନନ୍ଦ ଦ୍ୱିବେଦୀଙ୍କ ଘରେ ତିନି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସ୍ଥାପିତ କରିଥିଲେ ଯାହାକି ଏବେ ମଧ୍ୟ ପୂଜା ପାଉଛନ୍ତି । ଏବଂ ପୂର୍ବକାଳରେ ସେହି ମୂର୍ତ୍ତିମାନଙ୍କୁ ନେଇ ଶବରୀ ନାରାୟଣରେ ରଥଯାତ୍ରା ସମ୍ପନ୍ନ ହେଉଥିଲା । ମାତ୍ର ଶବରୀନାରାୟଣ ମଠ ପ୍ରତିଷ୍ଠା ତଥା ମନ୍ଦିର ପ୍ରତିଷ୍ଠା ପରଠାରୁ ଦୁଇ ଯାଗାରୁ ରଥଯାତ୍ରା ଏକ ସଙ୍ଗରେ ହେଉଥିଲା । ମାତ୍ର କାଳକ୍ରମେ କେବଳ ଶବରୀ ନାରାୟଣରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ନେଇ ଅଦ୍ୟାବଧି ରଥଯାତ୍ରା ଅନୁଷ୍ଠିତ ହେଉଅଛି । ରଥଯାତ୍ରା ଏହି ଛତିଶଗଡ଼ କ୍ଷେତ୍ର ତଥା ବିଳାଶପୁରର ଏକ ପ୍ରମୁଖ ଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାଚୀନ କାଳରୁ ଏହି ରଥାଯାତ୍ରାର ଆୟୋଜନ ଶବରୀ ନାରାୟଣର ମଠ ଆଜି ସୁଦ୍ଧା ପାଳନ କରିଆସୁଅଛି । ପ୍ରାପ୍ତ ସୂଚନା ଅନୁସାରେ ମହନ୍ତ ଗୌତମ ଦାସ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ମହନ୍ତ ଲାଲ ଦାସ ଏହାକୁ ସୁଚାରୁରୂପେ ପରିଚାଳନା କରୁଥିଲେ । ଏହି ରଥଯାତ୍ରା ସମୟରେ ଏଠାର ମୁକ୍ତିଆର କୈଳାଶ ପ୍ରସାଦ ତିୱାରୀ ଲୋକମାନଙ୍କ ହୃଦୟରେ ଭଗବତ ଭାବନା ଜାଗ୍ରତ ନୂତନ ବସ୍ତ୍ର ପରିଧାନ କରନ୍ତି । ଆଜି ମଧ୍ୟ ଏଠାକାର ଲୋକ ମୁଖରେ ଛତିଶଗଡ଼ର ପରମ ପାବନ ଶବରୀନାରାୟଣ ଧାମ ଜଗନ୍ନାଥ ପୁରୀ ଧାମ ଭାବେ ପ୍ରସିଦ୍ଧିଲାଭ କରିଛି । ସେହିପରି ଏଠାରୁ ଅଳ୍ପ ବ୍ୟବଧାନରେ ରାଜିମ୍ ସ୍ଥାନରେ ସାକ୍ଷୀଗୋପାଳ ବିରାଜମାନ କରିଛନ୍ତି । ଶବରୀନାରାୟଣଙ୍କ ଦର୍ଶନ ପରେ ଯିଏ ସାକ୍ଷୀଗୋପାଳଙ୍କୁ ଦର୍ଶନ ନକରେ ତାର ଯାତ୍ରା ବ୍ୟର୍ଥ ହୋଇଥାଏ ବୋଲି କଥିତ ଅଛି । ତେଣୁ ଏଠାର ପ୍ରାଚୀନ କବି ବଟୁ ସିଂହ ଶବରୀ ନାରାୟଣ ମହାତ୍ମ୍ୟରେ ଲେଖିଛନ୍ତି । ***“ମାସ ଆଷାଢ଼ ରଥ ଦୁତୀୟା/ରଥକେ କିୟା ବୟାନ/ଦର୍ଶନ ରଥକୋ ଯୋ କରେ/ପାବେ ପଦନିର୍ବାଣ ।”*** ଅର୍ଥାତ, “ଆଷାଢ଼ ମାସର ଦ୍ୱିତୀୟ ତିଥିରେ ରଥରେ ବେଶ ବାମନ, ଦର୍ଶନ ମାତ୍ରକେ ପାପନାଶ ହୋଇ ମିଳଇ ପଦ ନିର୍ବାଣ” । ଯେପରି ଆମର ସଂସ୍କୃତ ବ୍ୟାଖ୍ୟାକାରମାନେ ଲେଖିଛନ୍ତି–“ଦୋଳେଚ ଦୋଳ ଗୋବିନ୍ଦ/ଚାପେଚ ମଧୁସୂଦନ/ରଥେତୁ ବାମନମ୍ ଦୃଷ୍ଟ୍ୱା/ ପୁନର୍ଜନ୍ମ ନବିଦ୍ୟତେ ।” ଦୋଳରେ ଦୋଳଗୋବିନ୍ଦ, କୃଷ୍ଣ ଚାପରେ ଥିବ ମଧୁସୂଦନ ରଥରେ ଜଗନ୍ନାଥଙ୍କ ବାମନବେଶ ଦର୍ଶନରେ ଆଉ ପୁନର୍ଜନ୍ମ ନଥାଏ । ସେଇଥିପାଇଁ ଜଗନ୍ନାଥ ହେଲେ ଜଗତର ନାଥ ଏବଂ ତାଙ୍କ ରଥଯାତ୍ରା ପ୍ରତିଷ୍ଠା କରିଥାଏ ଅଖଣ୍ଡ ଭାରତରେ ବିଶ୍ୱମୈତ୍ରୀ ଓ ପ୍ରୀତିର ମହନୀୟତା । ତେଣୁ ଶବରୀନାରାୟଣ କ୍ଷେତ୍ର ଯଦିଓ ବିଶ୍ୱ ମୈତ୍ରୀର କ୍ଷେତ୍ର ନ ହୋଇପାରେ ମାତ୍ର ତଥାପି ଜନମାନସରେ ପ୍ରେମ ଓ ବିଶ୍ୱାସର ଫଲଗୁ ଧାରା ପ୍ରବାହିତ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ । ଶେଷରେ ଏତିକି କହିବି ଏ ଯାତ୍ରା ସମଗ୍ର ମାନବ ସମାଜରୁ ବ୍ରାହ୍ମଣ ଚଣ୍ଡାଳର ଦୁର୍ଭେଦ୍ୟ ପ୍ରାଚୀର, ଉଚ୍ଚନୀଚର ବୈଶମ୍ୟ ଲୋପ କରିବା ପାଇଁ ଆମେ ସମସ୍ତେ ଏକାକାର ହୋଇ ଜଗନ୍ନାଥଙ୍କର ସେବକ ପାଲଟି ଯାଇଥାଉ ଏବଂ ଯେଉଁଠାରେ ଗଢ଼ିଉଠେ ମାନବବାଦର ମାନବ ପ୍ରୀତିର ମହାନ ସେତୁ । ...କିମଧିକମ୍ ।

**ଉମାଶଙ୍କର ପ୍ରସାଦ, ଭଗତ୍ ଲେନ୍, ମେନ୍ ରୋଡ୍, ଖୋର୍ଦ୍ଧା ।**

# ଶକ୍ତି ଉପାସନା ପରମ୍ପରା

*“ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପଣେ ସଂସ୍ଥିତା/ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ।”*



ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସାମର୍ଥ୍ୟ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛନ୍ତି ଶକ୍ତି । ଏହି ନିଖିଳ ମୂଳରେ ସେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଥାଉ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହିଁ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ । ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୁକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।





ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ/ ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ ‘ଶ୍ରୀଚଣ୍ଡୀ ପୁରାଣ’ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୂତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ ‘ଦୁ’ ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ ‘ରେଫ୍’ ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ- ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାତ୍ୟାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଲିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା’ ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

**ଡକ୍ଟର ମନୋରଞ୍ଜନ ବିଷୋୟୀ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭, ଫୋନ୍: ୮୮୯୫୧୪୧୭୨୭**

# ଯୌନ ଶୋଷଣ ଓ ଅବାଞ୍ଛିତ ମାତୃତ୍ୱଲାଭ ଅଭିଯୋଗର ତଦନ୍ତରେ ପୋଲିସର ଶିଥିଳତା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳିପଙ୍କ ଗ୍ରାମର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଗୃହର ଜନୈକ ମହିଳା କର୍ମଚାରୀ ଦୀର୍ଘକାଳ ଧରି ଯୌନ ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି । ସେ ସମ୍ପର୍କରେ ଥାନାରେ ହୋଇଥିବା ଅଭିଯୋଗ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସ୍ଥାନୀୟ ପୋଲିସ ଅବହେଳା କରିଛି ବୋଲି ଷ୍ଟେଟ ପ୍ରୋଗ୍ରେସିଭ ୱିମେନ୍ସ ଫୋରମ ପକ୍ଷରୁ ଅଧ୍ୟକ୍ଷା ମମତା ସାମନ୍ତରାୟ ଅଭିଯୋଗ କରିଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଘଟଣାର ସନ୍ଧାନ ନିଆଯିବା ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି । ଲୁଥେରାନ ମହିଳା ସମିତି ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ପ୍ରକଳ୍ପରେ ଶିଶୁ ଯତ୍ନ ସେବିକା ଭାବେ କାର୍ଯ୍ୟରତ ଜଣେ ମହିଳା ସଂସ୍ଥାର ସଭାପତିଙ୍କ ଭାଇଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ଏକ ସନ୍ତାନର ମାତା ହୋଇଛନ୍ତି । ଗରିବୀ, ଅସହାୟତା କାରଣରୁ, ଅସଫଳ ପ୍ରତିବାଦ କାରଣରୁ, ଅନ୍ୟ ରାହା ନଥିବାରୁ ଏପରିକି ଭୟ ପ୍ରଦର୍ଶନ ବା ଦମନ କାରଣରୁ ବେଶ ବିଳମ୍ବରେ ତାଙ୍କ ଅସହାୟତା ସଂସ୍ଥାର ମହିଳା ସହକର୍ମୀ ଓ ସମ୍ପାଦିକାଙ୍କ ଆଗରେ ପ୍ରକାଶ କରିବାରୁ ଘଟଣାଟି ଲୋକଲୋଚନକୁ ଆସିଛି । ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣୀ କମିଟି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସଭାପତିଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ଥାନାରେ ଏତଲା ଦରଜ କରାଇଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ସୂଚନା ଓ ନିର୍ଦ୍ଦେଶ ପରେ ପୋଲିସ ଓ ପ୍ରଶାସନ କିଛି କ୍ରିୟାନୁଷ୍ଠାନ ଆରମ୍ଭ କରିଛନ୍ତି ବୋଲି ଷ୍ଟେଟ ପ୍ରୋଗ୍ରେସିଭ ୱିମେନ୍ସ ଫୋରମ ଅଧ୍ୟକ୍ଷା ସୁଶ୍ରୀ ସାମନ୍ତରାୟ କହିଛନ୍ତି । କିନ୍ତୁ ଏହାର ମନ୍ଥରତା ଓ ଏଯାବତ କାର୍ଯ୍ୟରୁ ଜଣାପଡେ ଯେ ମୂଳ ଅଭିଯୋଗ ଯାହା ଅତ୍ୟନ୍ତ ସଂଗୀନ ଯାହା ତତ୍କାଳ ପୋଲିସ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ ତାହା ନହୋଇ ଅନ୍ୟ ଏକ ପରବର୍ତ୍ତୀ ତଥ୍ୟ ଗୌଣ ଅଭିଯୋଗକୁ ନେଇ ପୋଲିସ ତତ୍ପରତା ଦେଖାଉଛି । ଅସହାୟ ମହିଳାଙ୍କୁ ଯୌନ ଶୋଷଣ ଓ ଅବାଞ୍ଛିତ ମାତୃତ୍ୱ ଦେଇଥିବା ବ୍ୟକ୍ତିଙ୍କ ନାମ ଏତଲାରେ ଥାଇସୁଦ୍ଧା ସେହି ଅଭିଯୁକ୍ତଙ୍କୁ ଧରିବାରେ ଏବଂ ଅଦାଲତ ପ୍ରକ୍ରିୟା ଆରମ୍ଭ କରିବାରେ ପୋଲିସ କୁଣ୍ଠାବୋଧ କରୁଥିବା ସାଧାରଣରେ ଅନୁମାନଯୋଗ୍ୟ ହୋଇପଡିଥିବା ସୁଶ୍ରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି । ପୀଡିତା ବିଚାରପତିଙ୍କ ସମ୍ମୁଖରେ ବୟାନ ଦେବା ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଏଡାଇ ଚାଲିଛି ବୋଲି ସେ କହିଛନ୍ତି । ସୁଶ୍ରୀ ସାମନ୍ତରାୟ କହିଛନ୍ତି ଯେ ନ୍ୟାୟ ପ୍ରକ୍ରିୟା ସହ ଜଡିତ କେତେକ ଆଇନଜ୍ଞ ଓ ସମାଜସେବୀଙ୍କ ମତ ଅନୁଯାୟୀ ପ୍ରଥମ ଅଭିଯୋଗ ଉପରେ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପରେ ଏହାସହ ସମ୍ବନ୍ଧିତ ଅନ୍ୟ ଅଭିଯୋଗ ଯାହା ପରବର୍ତ୍ତି ସମୟରେ କରାଯାଇଛି ତା’ଉପରେ ଅନୁଧ୍ୟାନ କରାଯାଇଥିଲେ ଠିକ ହୋଇଥାନ୍ତା । ଜଣେ ଅସହାୟା ମହିଳା କର୍ମଚାରୀଙ୍କ ପ୍ରଥମ ଅଭିଯୋଗକୁ ପ୍ରାଥମିକତା ଓ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ । ଉଚିତ ନ୍ୟାୟ ବିଚାର କରାଯାଉ, ସତ୍ୟ ପଦାକୁ ଆସୁ ଏବଂ ସର୍ବୋପରି ନାରୀ ଓ ଶିଶୁ ଅଧିକାର ଯଥା ମର୍ଯ୍ୟାଦାର ସହ ସମ୍ପାଦିତ ହେଉ, ସନ୍ତାନ ପିତୃତ୍ୱର ପରିଚୟ,ନାରୀଟିର ମର୍ଯ୍ୟାଦା ଓ ସ୍ୱୀତ୍ୱ ଏବଂ ଶିଶୁଟିକୁ ଏକ ପରିବାର ମିଳୁ ବୋଲି ଷ୍ଟେଟ ପ୍ରୋଗ୍ରେସିଭ ୱିମେନ୍ସ ଫୋରମ ଅଧ୍ୟକ୍ଷା ସୁଶ୍ରୀ ସାମନ୍ତରାୟ ଆଶାବ୍ୟକ୍ତ କରିଛନ୍ତି ।

# ସାମାଜିକ ସମରସତା ମଂଚ ପକ୍ଷରୁ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା



ଖଣ୍ଡଗିରି (ପିଏନ୍): ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଖଣ୍ଡଗିରି ଅଂଚଳରେ ନିୟୋଜିତ ୨୮ ଜଣ ବିଏମ୍‌ସିର ସଫେଇ କର୍ମଚାରୀ ତଥା ନିରୀକ୍ଷକମାନଙ୍କୁ ସାମାଜିକ ସମରସତା ମଂଚ, କଳିଙ୍ଗନଗର ତରଫରୁ ସମ୍ମାନିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ବିଏମ୍‌ସିର ଖଣ୍ଡଗିରି ପ୍ରୋଜେକ୍ଟ ପ୍ରମୁଖ ରଞ୍ଜନ କୁମାର ଘଡାଇ ଓ ଭୁବନେଶ୍ୱର ମହାନଗର ସାମାଜିକ ସମରସତା ପ୍ରମୁଖ ରାଜେଶ କୁମାର ରାୟ ଡାଃ ବି ଆର ଆମ୍ବେଦକରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ପରେ ଉପସ୍ଥିତ ବିଏମ୍‌ସିର ନିରୀକ୍ଷକଙ୍କ ସମେତ ସମସ୍ତ ସଫେଇ କର୍ମଚାରୀ ଓ କଳିଙ୍ଗ ନଗର ସାମାଜିକ ସମରସତା ମଂଚର କାର୍ଯ୍ୟକର୍ତାମାନେ ମଧ୍ୟ ମାଲ୍ୟାର୍ପଣ କରିଥିଲେ । ଖଣ୍ଡଗିରି ଅଂଚଳର ଦାୟିତ୍ୱରେ ଥିବା ସମସ୍ତ ସଫେଇ କର୍ମଚାରୀମାନଙ୍କୁ ଶ୍ରୀଫଳ, ଉତରୀୟ ଓ ସମ୍ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଗତ ଦିନର କରୋନା ମହାମାରୀରେ ସାରା ସମାଜ ଭୀତତ୍ରସ୍ତ ହୋଇ ଘରେ ରହୁଥିବା ସମୟରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଭଉଣୀ ଭାଇମାନଙ୍କର ସେବାକାର୍ଯ୍ୟ ଯେ ସମାଜ ଦ୍ୱାରା କିପରି ପ୍ରଶସଂନୀୟ ତଥା ସମ୍ମାନିତ ତାହାର ଏକ ବାର୍ତା ଦେବାକୁ ଯାଇ କଳିଙ୍ଗନଗର ସମରସତା ମଂଚ ତରଫରୁ ଏ ପ୍ରକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମରସତାର କାର୍ଯ୍ୟକର୍ତାଙ୍କ ମଧ୍ୟରେ ଆନନ୍ଦ ଚରଣ ସାହୁ, ରମେଶ ଜେନା, ଅମରେନ୍ଦ୍ର ସାହୁ, ଇଦେଶ୍ୱର ଭୂୟାଁ, ସୁବ୍ରତ କୁମାର ତ୍ରିପାଠୀ, ଜୟକୃଷ୍ଣ ପୃଷ୍ଟି, ବାସୁଦେବ ଓଝା, ସାନୁଜା ମେଘମାଳା ଓ ଆରତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।




# ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ନେତା ଧୁର୍ଜଟୀ ଦାସଙ୍କ ସ୍ମରଣସଭା




କେନ୍ଦ୍ରାପଡ଼ା : ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ଓଡିଶା ରାଜ୍ୟ କମିଟି ସମ୍ପାଦକ କମ୍ରେଡ ଧୁର୍ଜଟୀ ଦାସଙ୍କ ସ୍ମରଣସଭା କେନ୍ଦ୍ରାପଡା/ ଜଗତସିଂହପୁର ଜୋନର କର୍ମୀ ସଂଗଠକମାନଙ୍କ ଦ୍ୱାରା ଜଗତସିଂହପୁର ଜିଲ୍ଲା କମିଟି ସମ୍ପାଦକ ସୁବାସ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ସଂଗଠକ ଏଲିନା ସାମନ୍ତରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ରାଜ୍ୟ କମିଟିର ଶ୍ରଦ୍ଧାଞ୍ଜଳି ପାଠ କରିଥିଲେ ପ୍ରଦୀପ୍ତ ରାମ । ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଉଦ୍ଧବ ଜେନା ଓ ସଦାଶିବ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରୟାତ ନେତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରମୋଦିନୀ ମିଶ୍ର ପ୍ରାରମ୍ଭରେ ମହାନ ମାର୍କ୍ସବାଦୀ ଦାର୍ଶନିକ ଶିବଦାସ ଘୋଷଙ୍କ ସମ୍ପର୍କରେ ରଚିତ ସଂଗୀତ ଓ ଶେଷରେ ଆନ୍ତର୍ଜାତୀକ ସଂଗୀତ ଗାନ କରିଥିଲେ । ମହେଶ୍ୱର ଦାସ, ବସନ୍ତ ମଲ୍ଲିକ, ହୀରାମଣୀ ରାଉତ, ଆର୍ତ୍ତ ଦାସ, ରମେଶ ଭୋଇ, ପ୍ରବିତ୍ର ମୋହନ ପଟ୍ଟନାୟକ, ଜୟନ୍ତୀ ଜେନା, ଗଣେଶ୍ୱର ମହାନ୍ତି ପ୍ରମୁଖ ଅନଲାଇନ ଗୁଗୁଲମିଟରେ ଏହି ସଭାରେ ଅଂଶଗ୍ରହଣ କରିଥିଲେ ।

## ଟ୍ରକ ବାଇକ ଧକ୍କା, ଅଳ୍ପକେ ବର୍ତିଲା ବାଇକ ଚାଳକ

କୋରାଇ: ପାଣିକୋଇଲି ଗୋଲେଇ ଛକରେ ଆଜି ଅପରାହ୍ନ ୫.୪୫ ମିନିଟ ସମୟରେ ଏକ ଟ୍ରକ ଆଗରେ ବାଇକ ପଡିଯାଇଥିଲା । ହେଲେ ସୌଭାଗ୍ୟବଶତଃ ଚାଳକ ଆହତ ହୋଇଥିଲେ ମଧ୍ୟ ଅଳ୍ପକେ ନିଶ୍ଚିନ୍ତ ମୃତ୍ୟୁରୁ ରକ୍ଷା ପାଇଛନ୍ତି । ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇ ଛକରେ ଯାଜପୁରରୋଡ ପଟୁ ଏକ ଟ୍ରକ (ଓଡି୦୨ଏବି ୪୮୮୬) ଆସୁଥିବା ବେଳେ ଗୋଲେଇଛକ ଉପରେ ଏକ ଆପାଚି ବାଇକରେ( ଓଡି୦୪ସି ୬୯୨୫) ଆସି ହଠାତ ଆଗରେ ପଡି ଯାଇଥିଲା । ଫଳରେ ଟ୍ରକଟି ଗାଡି ସହ ଚାଳକ ଉପରେ ସମ୍ପୂର୍ଣ୍ଣ ମାଡିଯାଇଥିଲା।

# କୁସୁମୀ ମାଳବନ୍ଧ ରାସ୍ତା ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟିପତ୍ତୁ



ଖଣ୍ଡପଡା : ଖଣ୍ଡପଡା ଅଂଚଳ ଦେଇ ପ୍ରବାହିତ କୁସୁମୀ ନଦୀ ମାଳବନ୍ଧର ଉଭୟ ପାର୍ଶ୍ୱ ରାସ୍ତା ସାଧାରଣ ଲୋକଙ୍କ ଗମନାଗମନ ନିମନ୍ତେ ଅନୁପଯୋଗୀ ହୋଇପଡିଛି । ମାଳବନ୍ଧ ରାସ୍ତା ଖାଲ ଖମାରେ ଭର୍ତୀ ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି । ଖଣ୍ଡପଡା - ବାହାଡା ପୂର୍ତ୍ତ ବିଭାଗ ରାସ୍ତାର ଆମ୍ବନାଳ ପୋଲଠାରୁ କୁସୁମୀ ମାଳବନ୍ଧର ଗୋଟିଏ ପାର୍ଶ୍ୱ ରାସ୍ତା ଖଣ୍ଡପଡା ବ୍ଲକ ଅଧିନରେ ବନମାଳୀପୁର, ରାଣିଛେଲ୍ଲି ପଂଚାୟତ ସମେତ ଅଆଖପାଖ ଗ୍ରାମକୁ ସଂଯୋଗ କରୁଥିବା ବେଳେ ଅପରପାର୍ଶ୍ୱ ରାସ୍ତା ଭାପୁର ବ୍ଲକ ଅଧିନ ବାଇଗୁଣିଆଁ, ବାଘୁଆପଲ୍ଲୀ ଓ ଆଖପାଖ ପଂଚାୟତକୁ ସଂଯୋଗ କରୁଛି । ତେବେ ମାଳବନ୍ଧର ଏପରି ଦୁରାବସ୍ଥାକୁ ନେଇ ଅଂଚଳବାସୀ ପ୍ରମାଦ ଗଣୁଛନ୍ତି । ସମୟେ ସମୟେ ଅଣଓସାରିଆ ମାଳବନ୍ଧ ରାସ୍ତାରେ ଦୁର୍ଘଟଣା, ଅଘଟଣ ଘଟୁଛି । ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ଜଳସେଚନ ବିଭାଗ ନିର୍ବାହିଯନ୍ତ୍ରୀ ଓ କଂଟିଲୋ କନିଷ୍ଠଯନ୍ତ୍ରୀ ଆଦୌ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି । ପ୍ରକାଶ ଥାଉକି ପ୍ରତିବର୍ଷ ଉକ୍ତ ମାଳବନ୍ଧ ରାସ୍ତାର ଉନ୍ନତୀକରଣ ନିମନ୍ତେ ଜଳସେଚନ ବିଭାଗ ପକ୍ଷରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ହେଁ ମାଳବନ୍ଧର ଅବସ୍ଥା ସୁଧୁରୁନି । ମାଳବନ୍ଧ ରାସ୍ତା ପିଚୁ ହେବା ଉଦ୍ଦେଶ୍ୟରେ ଦିର୍ଘ ବର୍ଷ ତଳୁ ମେଟାଲିଂ ହୋଇଥିଲା । ମାତ୍ର ଠିକଣା ସମୟରେ ମାଳବନ୍ଦ ଉପର ରାସ୍ତା ପିଚୁ ନହେବାରୁ ଏବେ ମେଟାଲ ଗୁଡିକ ଉଠିଯାଇ ରାସ୍ତା ସାରା ବିଛାଡି ହୋଇ ପଡିଛି । ତେଣୁ ମାଳବନ୍ଧ ରାସ୍ତାର ଉନ୍ନତୀକରଣ ନିମନ୍ତେ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# କୃଷକମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ସୂଚନା ଦେବା ପାଇଁ 'କିଷାନ ସାରଥୀ' ପ୍ଲାଟଫର୍ମର ଉଦ୍‌ଘାଟନ

ନୂଆଦିଲ୍ଲୀ :ଏଣିକି ଡିଜିଟାଲ ପ୍ଲାଟଫର୍ମରେ କୃଷକମାନେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ସେମାନଙ୍କ ସମସ୍ୟା ନେଇ ବୈଜ୍ଞାନିକମାନଙ୍କ ସହିତ ସିଧାସଳଖ କଥାବାର୍ତା କରିପାରିବେ ବୋଲି କେନ୍ଦ୍ର ସୂଚନା ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଠିକ୍ ସମୟରେ କୃଷକମାନଙ୍କୁ ଉପଯୁକ୍ତ ସୂଚନା ସେମାନଙ୍କ ମାତୃଭାଷାରେ ଦେବା ପାଇଁ 'କିଷାନ ସାରଥୀ' ନାମକ ଏକ ଡିଜିଟାଲ ପ୍ଲାଟଫର୍ମକୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ବିଜ୍ଞାନ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ୯୩ତମ ପ୍ରତିଷ୍ଠା ଦିବସ ଅବସରରେ ଆଜି ମିଳିତଭାବେ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ନିଜ ବକ୍ତବ୍ୟରେ କହିଥିଲେ ଯେ, 'କିଷାନ ସାରଥୀ' ମାଧ୍ୟମରେ ଦେଶର ଗ୍ରାମାଂଚଳର କୃଷକମାନଙ୍କୁ ଡିଜିଟାଲ ପଦ୍ଧତି ପ୍ରୟୋଗ କରି ସଶକ୍ତ କରାଯାଇପାରିବ । କୃଷିବିଜ୍ଞାନ କେନ୍ଦ୍ରଗୁଡିକରୁ କୃଷକମାନେ କୃଷି ଏବଂ କୃଷି ସମ୍ପର୍କୀତ ବିଷୟ ନେଇ ରହିଥିବା ସମସ୍ୟାଗୁଡିକ ଉପରେ ଆଲୋଚନା କରିପାରିବେ । ଶ୍ରୀ ବୈଷ୍ଣବ ଆହୁରି ମଧ୍ୟ କହିଥିଲେ ଯେ କୃଷକମାନଙ୍କ ଉତ୍ପାଦିତ ପଦାର୍ଥ ସବୁକୁ ଉତ୍ପାଦିତ ସ୍ଥାନରୁ ବିକ୍ରି ପାଇଁ ନିକଟତମ ବଜାର ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥାରେ କ୍ଷତିକୁ ସର୍ବନିମ୍ନସ୍ତରକୁ ଆଣିବା ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ବୈଜ୍ଞାନିକମାନେ ଗବେଷଣା କରିବା ଉଚିତ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ବିଜ୍ଞାନ ମନ୍ତ୍ରଣାଳୟ ଏବଂ ଯୋଗାଯୋଗ ମନ୍ତ୍ରଣାଳୟର ମନ୍ତ୍ରୀ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ମତ୍ସ୍ୟ ପଶୁପାଳନ ଏବଂ ଦୁଗ୍ଧ ଚାଷ ମନ୍ତ୍ରଣାଳୟକୁ ସମସ୍ତ ପ୍ରକାର ସହଯୋଗ କରି କୃଷକମାନଙ୍କୁ ସଶକ୍ତ କରିବା ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ । କୃଷିଜାତ ପଦାର୍ଥର ପରିବହନ ସମୟକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ରେଳମନ୍ତ୍ରଣାଳୟ ଯୋଜନା କରୁଛି ବୋଲି ମଧ୍ୟ କହିଥିଲେ ।ଭୌଗୋଳିକ ସ୍ଥିତିକୁ ନେଇ କୃଷକମାନଙ୍କୁ ଆବଶ୍ୟକୀୟ ସୂଚନା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ପାଇଁ 'କିଷାନ ସାରଥୀ' ପ୍ଲାଟଫର୍ମ ପ୍ରସ୍ତୁତ କରିଥିବାରୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦକୁ ମନ୍ତ୍ରୀ ଶ୍ରୀବୈଷ୍ଣବ ଧନ୍ୟବାଦ ଜଣାଇଥିଲେ । ଏହି ଉପଲକ୍ଷେ ଆୟୋଜିତ ଭିଡିଓ କନ୍ଫରେନ୍ସିଂ ସମ୍ମିଳନୀରେ ମତ୍ସ୍ୟ ପଶୁପାଳନ ଏବଂ ଦୁଗ୍ଧ ଚାଷ ମନ୍ତ୍ରୀ ଶ୍ରୀ ପୁରୁଷୋତମ ରୂପାଲା ସଭାପତିତ୍ୱ କରିଥିଲେ । କୃଷି ଏବଂ କୃଷକ କଲ୍ୟାଣ ରାଜ୍ୟମନ୍ତ୍ରୀ ଶ୍ରୀ କୈଳାସ ଚୌଧୁରୀ ଏବଂ ରାଜ୍ୟମନ୍ତ୍ରୀ ସୁଶ୍ରୀ ଶୋଭା କରନଡଲ୍ଲାଜେ ମଧ୍ୟ ଉପସ୍ଥିତ ଥିଲେ । ଏହି ଭର୍ଚୁଆଲ ସମ୍ମିଳନୀରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ବିଜ୍ଞାନ ମନ୍ତ୍ରଣାଳୟ ସଚିବ ଅଜୟ ସାହାନେ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ତଥା ସଚିବ ଡକ୍ଟର ତ୍ରିଲୋଚନ ମହାପାତ୍ର, ଡିଜିଟାଲ ଇଣ୍ଡିଆ କର୍ପୋରେସନର ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭିଷେକ ସିଂ ତଥା ଏହିସବୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସମଗ୍ର ଦେଶର କୃଷକ, କୃଷି ସମ୍ପର୍କୀତ କ୍ଷେତ୍ରର ଭାଗିଦାରୀମାନେ, କୃଷିବିଜ୍ଞାନ କେନ୍ଦ୍ର, ସୂଚନା ପ୍ରଯୁକ୍ତି କ୍ଷେତ୍ର ସହ ସମ୍ପୃକ୍ତ ବ୍ୟକ୍ତିମାନେ, କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ସହ ସମ୍ପର୍କୀତ ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

# ଶ୍ରୀନଗର : ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ମୁହାଁମୁହିଁରେ ଦୁଇ ଆତଙ୍କବାଦୀଙ୍କ ମୃତ୍ୟୁ, ଦୁଇ ସୈନିକ ଆହତ

ଶ୍ରୀନଗର:ଶ୍ରୀନଗରର ଆଲମଦାର ଅଂଚଳରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଶୁକ୍ରବାର ସକାଳେ ଆରମ୍ଭ ହୋଇଥିବା ମୁହାଁମୁହିଁରେ ସୁରକ୍ଷାକର୍ମୀମାନେ ଲସ୍କର-ଏ-ତୋଏବାର ଦୁଇଜଣ ଆତଙ୍କବାଦୀଙ୍କୁ ମାରିଛନ୍ତି । ମୁହାଁମୁହିଁରେ ସିଆର୍‌ପିଏଫ୍‌ର ଦୁଇ ଜବାନ ମଧ୍ୟ ଆହତ ହୋଇଛନ୍ତି । ସୁରକ୍ଷାକର୍ମୀମାନେ ଆତଙ୍କବାଦୀଙ୍କ ଶବକୁ କବ୍‌ଜାରେ ନେଇଛନ୍ତି । ମୁହାଁମୁହିଁ ସ୍ଥାନରୁ ମାରଣାସ୍ତ୍ର ମଧ୍ୟ ବରାମତ ହୋଇଛି ।ମିଳିଥିବା ସୂଚନା ମୁତାବକ ସୁରକ୍ଷାକର୍ମୀଙ୍କୁ ଶ୍ରୀନଗର ବ୍ୟତୀତ ଆଲମଦାର ଅଂଚଳରେ କିଛି ଆତଙ୍କବାଦୀ ଲୁଚିଥିବା ସୂଚନା ମିଳିଥିଲା । ସୂଚନା ଅନୁସାରେ ଏସ୍‌ଓଜି, ସେନା ଏବଂ ସିଆର୍‌ପିଏଫ୍‌ର ଯବାନମାନେ ସମସ୍ତ ଅଂଚଳରେ ଘେରାବନ୍ଦୀ କରି ଆତଙ୍କବାଦୀଙ୍କୁ ଧରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ । ସୁରକ୍ଷାକର୍ମୀଙ୍କୁ ସେମାନଙ୍କ ନିକଟତର ହେବାର ଦେଖି ଆତଙ୍କବାଦୀମାନେ ଗୁଳିଚାଳନା ଆରମ୍ଭ କରିଥିଲେ । ଏହାପରେ ମୁହାଁମୁହିଁ ଆରମ୍ଭ ହୋଇଥିଲା ।ମୁହାଁମୁହିଁରେ ସୁରକ୍ଷାକର୍ମୀମାନେ ଦୁଇଜଣ ଆତଙ୍କବାଦୀଙ୍କୁ ମାରିଛନ୍ତି । ତେବେ ଅଂଚଳରେ ଏବଂ ଆତଙ୍କବାଦୀଙ୍କ ଉପସ୍ଥିତିର ଆଶଙ୍କା କରି ସୁରକ୍ଷାକର୍ମୀମାନେ ଆଲମଦାର ଅଂଚଳରେ ତଲାସୀ ଅଭିଯାନ ଜାରି କରିଛନ୍ତି । ମୁହାଁମୁହିଁରେ ଆହତ ହୋଇଥିବା ଦୁଇ ସିଆର୍‌ପିଏଫ୍ ଯବାନଙ୍କୁ ସଙ୍ଗେସଙ୍ଗେ ହସ୍‌ପିଟାଲ ପହଂଚାଯାଇଛି ଯେଉଁଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି ।

# ଖଣ୍ଡପଡାରେ ରକ୍ତଦାନ ଶିବିର, ୫୫ ୟୁନିଟ ସଂଗ୍ରହ



ଖଣ୍ଡପଡା:ଖଣ୍ଡପଡା କୋଭିଡ କେନ୍ଦ୍ରରେ କାର୍ଯ୍ୟରତ କରୋନା ଯୋଦ୍ଧା ମାନଙ୍କ ଦ୍ୱାରା ସ୍ଥାନୀୟ ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ପରିସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରୁ ୫୫ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାଯାଇଛି । ଖଣ୍ଡପଡା କୋଭିଡ କେନ୍ଦ୍ରର ମୁଖ୍ୟ ଡଃ ପ୍ରଦୀପ କୁମାର ପାଇକରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ବିଡିଓ ପ୍ରମୋଦ କୁମାର ନାଏକ ମୁଖ୍ୟ ଅତିଥି ରୁପେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ନୟାଗଡ ବ୍ଲଡବ୍ୟାଙ୍କ କର୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ । ଡାକ୍ତର ମଧୁସ୍ମିତା ଦାସ, ବ୍ଲଡ ବ୍ୟାଙ୍କ ୟୁନିଟର କାଉନସିଲର ଅଜୟ ପଟ୍ଟନାୟକଙ୍କ ସମେତ ସହଯୋଗୀମାନେ ଶିବିର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ ।

# ମୁମୂର୍ଷୁ ଅବସ୍ଥାରେ ଅଣଓଡ଼ିଆ ବ୍ୟକ୍ତି ଉଦ୍ଧାର

ଭୁବନେଶ୍ୱର: ବୟସ ପାଖାପାଖି ୫୦ ହେବ । ରାସ୍ତାକଡ଼ରେ ବ୍ୟକ୍ତିଜଣକ ପଡ଼ି ରହି ଯନ୍ତ୍ରଣାରେ କଲବଲ ହେଉଥାନ୍ତି । ବ୍ୟକ୍ତିଜଣଙ୍କର ଡ଼ାହାଣପଟ ଗୋଡ଼ଟି ପଚି ଯାଇଥିଲା । କ୍ଷତସ୍ଥାନକୁ ଚାରିପଟୁ ମାଛିମାନେ ବେଢ଼ି ରହିଥାନ୍ତି । କ୍ଷତସ୍ଥାନଟି ପଚି ଯାଇଥିବାରୁ ଦୁର୍ଗନ୍ଧ ବି ବାହାରୁଥାଏ । ଆତଯାତ କରୁଥିବା ଲୋକମାନେ ନାକରେ ରୁମାଲ ଦେଇ ଯେଝା ବାଟ କାଟି ଚାଲିଯାଉଥାନ୍ତି । କେହି ଆହା ପଦେ ବି କହିବାକୁ ନାହାଁନ୍ତି । ପାଟିରେ ପାଣି ମୁନ୍ଦେ ଦେବା ତ ଦୂରର କଥା । ଏ ହେଉଛି ଭୁବନେଶ୍ୱର ନୟାପଲ୍ଲୀ ବେହେରା ସାହି ନିକଟସ୍ଥ ମେଟ୍ରୋ ହାଉସ୍ ଆପାର୍ଟମେଂଟ ସାମ୍ନାର କରୁଣ ଦୃଶ୍ୟ । ସ୍ଥାନୀୟ ଅଂଚଳରେ ରହୁଥିବା ନାରାୟଣ ଚନ୍ଦ୍ର ବାରିକ ନାମକ ଜନୈକ ବ୍ୟକ୍ତି ଏତାଦୃଶ ଅବସ୍ଥା ଦେଖି ସେ ଆଉ ସମ୍ଭାଳି ପାରି ନଥିଲେ । ଆଖାପାଖ ଲୋକଙ୍କୁ ସାହାଯ୍ୟ ପାଇଁ ନାରାୟଣ ନିବେଦନ କରିଥିଲେ । କିନ୍ତୁ ସାହାଯ୍ୟ ପାଇପାରି ନଥିଲେ । କରୋନା ଭୟରେ ସମସ୍ତେ ରୋକ୍‌ଠୋକ୍ ମନାକରି ଦେଇଥିଲେ । ତତ୍‌ପରେ ନାରାୟଣ ଭୁବନେଶ୍ୱରର ଅସହାୟ ଓ ନିରାଶ୍ରୟ ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ମିସିଂ ଫାଉଣ୍ଡେସନ ସହ ଯୋଗାଯୋଗ କରିଥିଲେ । ମୁମୂର୍ଷୁ ବ୍ୟକ୍ତିଙ୍କର ଏ ଅବସ୍ଥା ଶୁଣିବା ପରେ ଫାଉଣ୍ଡେସନ ପକ୍ଷରୁ ସାମାଜିକ କର୍ମୀ ସୁଶାନ୍ତ ସାହୁ ଏବଂ ପ୍ରିୟବ୍ରତ ପଣ୍ଡା ଘଟଣାସ୍ଥଳରେ ପହଂଚିଥିଲେ । ବ୍ୟକ୍ତି ଜଣଙ୍କର କ୍ଷତସ୍ଥାନକୁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ କରି ଫାଷ୍ଟଏଡ୍ ଚିକିତ୍ସା କରିଥିଲେ । ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ରାଜଧାନୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟକ୍ତିଜଣଙ୍କୁ ସ୍ଥାନାନ୍ତରିତ କରିଥିଲେ । ବ୍ୟକ୍ତି ଜଣକ ଅଣଓଡ଼ିଆ । ମାନସିକ ସନ୍ତୁଳନ ହରାଇଥିବାରୁ ତାଙ୍କର ନାମ ଓ ଘର ଠିକଣା ସ୍ପଷ୍ଟ ରୂପେ ଜଣାପଡ଼ି ନାହିଁ ବୋଲି ଫାଉଣ୍ଡେସନ ପକ୍ଷରୁ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ବେଦାନ୍ତ ଭୂତଳ ରେଳପଥ ଲୋକାର୍ପିତ

ଝାରସୁଗୁଡା: ଭାରତର ସର୍ବବୃହତ ଆଲୁମିନିୟମ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ଉତ୍ପାଦନ କରୁଥିବା ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା ଜିଲ୍ଲାର ବାସିନ୍ଦାଙ୍କ ପାଇଁ ରେଳବାଇ ଭୂତଳ ପୋଲ ଆଜି ଉତ୍ସର୍ଗ କରିଛି । ଆଜି ମନ୍ତ୍ରୀ - ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଆ ସରକାର ନବ କିଶୋର ଦାସଙ୍କ ଦ୍ୱାରା ଆର ଓ ବି ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ବେଦାନ୍ତ ସିଇଓ, ସିଏନ୍ ସିଂ, ସାଂସଦ - ବରଗଡ, ସୁରେଶ ପୂଜାରୀ, ଜିଲ୍ଲାପାଳ ଝାରସୁଗୁଡା ସରୋଜ କୁମାର ସାମଲ, ଝାରସୁଗୁଡା ପୋଲିସ ଅଧିକ୍ଷକ ବିକାଶ ଦାସ ଏବଂ ଏହି ଅଂଚଳର ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ନୂତନ ଭାବେ ନିର୍ମିତ ଏହି ରାସ୍ତାର ଲମ୍ବ ୧.୬ କିଲୋମିଟର ଏବଂ ବେଦାନ୍ତର ମୁଖ୍ୟ ଫାଟକକୁ ସମ୍ବଲପୁର- ରାଉରକେଲା ରାଜ୍ୟ ରାଜପଥ ସହିତ ସଂଯୋଗ କରୁଛି । ଏହା ଏହି ଅଂଚଳରେ ଟ୍ରାଫିକ ଗତିବିଧିକୁ ସହଜ କରିବ ଏବଂ ବୃନ୍ଦାମାଲ, ବଞ୍ଜାରୀ, ଭୁର୍କାମୁଣ୍ଡା, ଭାଗିପାଲି, କାତିକେଲା ଏବଂ ସମ୍ବଲପୁର ଅଭିମୁଖେ ଯାଉଥିବା ଅନ୍ୟାନ୍ୟ ଗ୍ରାମ ବାସିନ୍ଦାଙ୍କ ସଂଯୋଗକୁ ସୁଦୃଢ଼ କରିବ । ଏହା ମଧ୍ୟ ରେଳ ଲାଇନ ଯୋଗୁଁ ସୁନାରିମୁଣ୍ଡା ଛକ ନିକଟରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରିବ । ଏହି ରାସ୍ତାର ଦୁଇ ପାର୍ଶ୍ୱରେ ବେଦାନ୍ତ ବୃକ୍ଷରୋପଣ କରି ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରିଛି । ବ୍ୟବହାରକାରୀଙ୍କ ଦ୍ୱାରା ସଡକ ସୁରକ୍ଷା ନିୟମକୁ ସଠିକ୍ ଭାବରେ ପାଳନ କରିବା ପାଇଁ ଫୁଟପାଥ୍ ଯୋଗାଇ ଦେବା ସହିତ ସୁରକ୍ଷା ସଙ୍କେତ ଲଗାଯାଇଛି ।ଏହି ପରିପ୍ରେକ୍ଷୀରେ ବେଦାନ୍ତ ସିଇଓ ସିଏନ ସିଂ କହିଛନ୍ତି ଯେ, 'ସ୍ଥାୟୀ ସମ୍ପ୍ରଦାୟର ଭିତିଭୂମି ବିକାଶ ଆମର ସାମାଜିକ ଦାୟିତ୍ୱ ଏବଂ ଏହି ଦିଗରେ ନିରନ୍ତର ପ୍ରୟାସର ଏକ ପ୍ରମୁଖ ସ୍ତମ୍ଭ ଅଟେ । ଆଜି ଏହି ଆର ଓ ବି, ଝରସୁଗୁଡ଼ାବାସୀଙ୍କୁ ଉତ୍ସର୍ଗ କରୁଛୁ ।

# ଟେଷ୍ଟ ଟ୍ରାକ୍, ଟ୍ରିଟ୍ ଓ ଟିକା ହେଉଛି ପରିକ୍ଷିତ ଏବଂ ପ୍ରମାଣିତ ରଣନୀତି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: କୋଭିଡ୍ ଜନିତ ପରିସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ କେରଳର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । କୋଭିଡ ମୁକାବିଲା ନିମନ୍ତେ ଯଥାସମ୍ଭବ ସହାୟତା ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ସେମାନେ ଟିକାକରଣର ଅଗ୍ରଗତି ଏବଂ ସେମାନଙ୍କ ରାଜ୍ୟରେ ଭୂତାଣୁ ସଂକ୍ରମଣ ହ୍ରାସ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଟିକାକରଣ ରଣନୀତି ସମ୍ପର୍କରେ ମଧ୍ୟ ସେମାନେ ନିଜ ନିଜ ମତାମତ ଦେଇଥିଲେ । ମୁଖ୍ୟମନ୍ତ୍ରୀମାନେ ଚିକିତ୍ସା ଭିତିଭୂମି ସୁଦୃଢ଼ କରିବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ ଏବଂ ଭବିଷ୍ୟତରେ ଯଦି ସଂକ୍ରମଣରେ ସମ୍ଭାବ୍ୟ ବୃଦ୍ଧି ଦେଖାଦିଏ ତାହାର କିପରି ଭାବେ ମୁକାବିଲା କରାଯାଇ ପାରିବ ସେ ସମ୍ପର୍କରେ ମତାମତ ଦେଇଥିଲେ । ସେମାନେ ମଧ୍ୟ ରୋଗୀଙ୍କ ଠାରେ ଦେଖାଦେଉଥିବା କୋଭିଡ ପରବର୍ତୀ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଏପରି ମାମଲାରେ ସହାୟତା ଯୋଗାଇ ଦେବା ଲାଗି ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସେମାନେ ଆଶ୍ୱାସନା ଦେଇ କହିଥିଲେ ଯେ ସଂକ୍ରମଣ ହାରକୁ ନିୟନ୍ତ୍ରଣ କରିବା ଲାଗି ସେମାନେ ଶ୍ରେଷ୍ଠ ପଦକ୍ଷେପ ଗ୍ରହଣ କରୁଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏହି ୬ଟି ରାଜ୍ୟରେ ଜୁଲାଇ ମାସରେ ୮୦ ପ୍ରତିଶତରୁ ଅଧିକ ସଂକ୍ରମଣ ଦେଖାଦେଇଥିଲା । ଆହୁରି ଏସବୁ ମଧ୍ୟରୁ କେତେକ ରାଜ୍ୟରେ ପଜିଟିଭିଟି ହାର ମଧ୍ୟ ଅଧିକ ରହିଥିଲା । କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଦେଶରେ ଦେଖାଦେଇଥିବା କୋଭିଡ ସଂକ୍ରମଣ ସଂଖ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଅଧିକ ସଂକ୍ରମଣ ଦେଖାଦେଉଥିବା ଜିଲ୍ଲା ଗୁଡ଼ିକରେ କୋଭିଡ ଉପଯୁକ୍ତ ବ୍ୟବହାର ଏବଂ କଂଟେନମେଂଟ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ମଧ୍ୟ ପରାମର୍ଶ ଦେଇଥିଲେ ଯେ ଏହିସବୁ ଜିଲ୍ଲାରେ ଅନଲକ୍ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ତଥା ସୁଚିନ୍ତିତ ଭାବେ ହେବା ଉଚିତ୍ ।ଉଦଯାପନୀ ବିବୃତି ଦେଇ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରମାନଙ୍କୁ ମହାମାରୀ ବିରୋଧୀ ଲଢ଼େଇରେ ସେମାନଙ୍କର ଆପୋସ ସହଯୋଗ ଏବଂ ଶିଖିବାର ଆଗ୍ରହ ପାଇଁ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମେ ସମସ୍ତେ ଏପରି ଏକ ପରିସ୍ଥିତିରେ ଅଛୁ ଯେତେବେଳେ ତୃତୀୟ ଲହରୀ ଆସିବା ନେଇ ଲଗାତାର ଆଶଙ୍କା ବ୍ୟକ୍ତ କରାଯାଉଛି । ବିଶେଷଜ୍ଞମାନେ ହ୍ରାସ ପାଉଥିବା ସଂକ୍ରମଣ ସ୍ଥିତି ନେଇ ସକାରାତ୍ମକ ସଙ୍କେତ ଦେଉଥିବା ସତ୍ତ୍ୱେ କେତେକ ରାଜ୍ୟରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାଜନକ । ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ଆଜି ଯେଉଁସବୁ ରାଜ୍ୟ ବୈଠକରେ ଯୋଗ ଦେଇଛନ୍ତି, ସେସବୁ ରାଜ୍ୟରୁ ଗତ ସପ୍ତାହରେ ୮୦ ପ୍ରତିଶତ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଦୁର୍ଭାଗ୍ୟବଶତଃ ୮୪ ପ୍ରତିଶତ ମୃତ୍ୟୁ ଦେଖିବାକୁ ମିଳିଥିଲା । ପ୍ରାରମ୍ଭରେ ବିଶେଷଜ୍ଞମାନେ ଅନୁମାନ କରୁଥିଲେ ଯେ ଦ୍ୱିତୀୟ ଲହରୀ ପ୍ରଥମେ ଯେଉଁ ରାଜ୍ୟରୁ ଆରମ୍ଭ ହୋଇଥିଲା ସେଠାରେ ପ୍ରଥମେ ସ୍ଥିତି ସ୍ୱାଭାବିକ ହେବ । କିନ୍ତୁ, କେରଳ ଓ ମହାରାଷ୍ଟ୍ରରେ ସଂକ୍ରମଣ ବୃଦ୍ଧି ପାଇବା ଚିନ୍ତାର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଦ୍ୱିତୀୟ ଲହରୀ ପୂର୍ବରୁ ଜାନୁଆରୀ-ଫେବୃଆରୀରେ ଏପରି ସ୍ଥିତି ଦେଖିବାକୁ ମିଳିଥିଲା ବୋଲି କହି ପ୍ରଧାନମନ୍ତ୍ରୀ ସତର୍କ କରାଇ ଦେଇଥିଲେ । ଏହି କାରଣରୁ ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ ଯେ ଯେଉଁସବୁ ରାଜ୍ୟରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି ସେଠାରେ ତୃତୀୟ ଲହରୀକୁ ରୋକିବା ଲାଗି ଆମକୁ ତତ୍ପରତା ପୂର୍ବକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ।ପ୍ରଧାନମନ୍ତ୍ରୀ ବିଶେଷଜ୍ଞମାନଙ୍କ ମତକୁ ଉଦ୍ଧୃତ କରି କହିଥିଲେ ଯେ ଦୀର୍ଘ ଦିନ ପର୍ଯ୍ୟନ୍ତ ସଂକ୍ରମଣ ବୃଦ୍ଧି ପାଇଲେ, କରୋନା ଭୂତାଣରୁ ମ୍ୟୁଟେସନ ମଧ୍ୟ ବୃଦ୍ଧି ପାଇବ ଏବଂ ନୂଆ ଭାରିଆଂଟର ବିପଦ ସୃଷ୍ଟି ହେବ । ତେଣୁ, ପ୍ରଧାନମନ୍ତ୍ରୀ କହିଥିଲେ, ଆମକୁ ଟେଷ୍ଟ, ଟ୍ରାକ୍, ଟ୍ରିଟ୍ ଓ ଟିକା (ପରୀକ୍ଷା, ଚିହ୍ନଟ, ଚିକିତ୍ସା ଓ ଟିକାକରଣ) ରଣନୀତିକୁ ନେଇ ଲଗତାର ଭାବେ କାମ କରିବାକୁ ହେବ । ପ୍ରଧାନମନ୍ତ୍ରୀ ମାଇକ୍ରୋ କଂଟେନମେଂଟ ଜୋନ୍ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଅଧିକ ସଂକ୍ରମିତଙ୍କୁ ଚିହ୍ନଟ କରାଯାଉଥିବା ଜିଲ୍ଲାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱାରୋପ କରାଯିବା ଉଚିତ୍ । ସବୁ ରାଜ୍ୟରେ ନମୁନା ପରୀକ୍ଷା ବୃଦ୍ଧି କରିବା ଉପରେ ଶ୍ରୀ ମୋଦୀ ଜୋର ଦେଇଥିଲେ । ଅଧିକ ସଂକ୍ରାମକ କ୍ଷେତ୍ରରେ ଟିକାକୁ ଏକ ରଣନୈତିକ ଉପକରଣ ଭାବେ ଅଭିହିତ କରି ପ୍ରଧାନମନ୍ତ୍ରୀ ପ୍ରଭାବୀ ଟିକାକରଣ ଉପରେ ଜୋର ଦେଇଥିଲେ । ଆରଟି-ପିସିଆର ପରୀକ୍ଷା କ୍ଷମତାରେ ସୁଧାର ଆଣିବା ଲାଗି ଚେଷ୍ଟା କରୁଥିବା ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ ।ଆଇସିୟୁ ଶଯ୍ୟା ଏବଂ ପରୀକ୍ଷା କ୍ଷମତା ଭଳି ଚିକିତ୍ସା ଭିତିଭୂମି ବୃଦ୍ଧି କରିବା ଲାଗି ଯୋଗାଇ ଦିଆଯାଉଥିବା ଆର୍ଥିକ ସହାୟତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ନିକଟରେ ଜାରି କରାଯାଇଥିବା ୨୩,୦୦ କୋଟି ଟଙ୍କାର କୋଭିଡ ମୁକାବିଲା ପ୍ୟାକେଜ୍ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଚିକିତ୍ସା ଭିତିଭୂମିରେ ସୁଧାର ଆଣିବା ନିମନ୍ତେ ଏହି ପାଣ୍ଠିର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ ।ଭିତିଭୂମି କ୍ଷେତ୍ରରେ ରହିଥିବା ଅଭାବ, ବିଶେଷ କରି ଗ୍ରାମୀଣ କ୍ଷେତ୍ରରେ, ଦୂର କରିବା ଲାଗି ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ । ଆଇଟି ସିଷ୍ଟମ, କଂଟ୍ରୋଲ ରୁମ ଏବଂ କଲ ସେଂଟର ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ମଧ୍ୟ ସେ କହିଥିଲେ ଯାହାଫଳରେ ନାଗରିକମାନେ ପାରଦର୍ଶୀ ଢଙ୍ଗରେ ସମ୍ବଳ ଓ ତଥ୍ୟ ପାଇପାରିବେ ଏବଂ ରୋଗୀମାନଙ୍କର ସମସ୍ୟା ଦୂର ହୋଇପାରିବ । ଶ୍ରୀ ମୋଦୀ କହିଥିଲେ ଯେ ବୈଠକରେ ଯୋଗ ଦେଇଥିବା ରାଜ୍ୟଗୁଡ଼ଇକୁ ୩୩୨ଟି ପିଏସଏ ପ୍ଲାଂଟ ଆବଂଟନ କରାଯାଇଛି ଏବଂ ସେଥିମଧ୍ୟରୁ ୫୩ଟି କାର୍ଯ୍ୟକ୍ଷମ ହୋଇସାରିଲାଣି । ଏହି ପ୍ଲାଂଟଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଲାଗି ସେ ମୁଖ୍ୟମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିଶୁମାନଙ୍କୁ ସଂକ୍ରମଣରୁ ସୁରକ୍ଷିତ ରଖିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଇଥିଲେ ଏବଂ ଏ ଦିଗରେ ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ୟୁରୋପ, ଆମେରିକା, ବାଂଲାଦେଶ, ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକରେ କୋଭିଡ ସଂକ୍ରମଣ ବୃଦ୍ଧି ପାଇବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ଏହା ଆମ ପାଇଁ ଓ ସାରା ବିଶ୍ୱ ପାଇଁ ଏକ ସତର୍କ ଘଂଟି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

# ଥଣ୍ଡା ପାନୀୟ ଜଳପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି

ଖଣ୍ଡପଡା:ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥିତ ଥଣ୍ଡା ପାନୀୟ ଜଳପ୍ରକଳ୍ପଟି ଦିର୍ଘ ୨ବର୍ଷ ଧରି ଅଚଳ ଅବସ୍ଥାରେ ପଡିରହିଛି । ଫଳରେ ରୋଗୀଙ୍କ ସଂପର୍କୀୟଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ସମୟ ଅସମୟରେ ଥଣ୍ଡା ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିଲେ ହେଁ ଏଥିପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତୃପକ୍ଷ ନତୁବା ଉଚ୍ଚ କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉ ନାହାନ୍ତି । ସୁଚନା ଯୋଗ୍ୟ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଓ ଆନ୍ତରିକତାର ଅଭାବରୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇ ନପାରି ପଡିରହିଥିବା ଅଭିଯୋଗ ହେଉଛି । ଗତ ୨ମାସ ତଳେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଟି କାୟାକଳ୍ପ ପୁରସ୍କାର ପ୍ରାପ୍ତ ହୋଇଥିଲେ ହେଁ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରଟି ଗତି କରୁଛି । ଏଥିପ୍ରତି ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ପୋକ୍‌ସୋ ଆଇନ ଉପରେ ରାଜ୍ୟସ୍ତରୀୟ ଆଲୋଚନା

କେନ୍ଦ୍ରାପଡ଼ା : ଆନ୍ତର୍ଜାତୀୟ ନ୍ୟାୟ ଦିନସ ଉପଲକ୍ଷେ ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ଆଇ.କ୍ୟୁ.ଏ.ସି. ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୁଲ୍ୟରେ ଏକ ରାଜ୍ୟସ୍ତରୀୟ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । "ଲିଙ୍ଗଗତ ନ୍ୟାୟ ସମ୍ପର୍କୀତ ପୋକ୍‌ସୋ ଆଇନ" ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଞ୍ଜିତ ରଞ୍ଜନ ସାହୁ ପୌରହିତ୍ୟ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରି କେବଳ ଝିଅମାନେ ନୁହଁନ୍ତି ପୁଅମାନେ ମଧ୍ୟ ଯୌନ ଉତ୍ପୀଡନର ଶିକାର ହେଉଥିବା ବିଷୟରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଡଃ ମଥୁରୀ ଚରଣ ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଶିଶୁମାନେ କିପରି ନିଜର ସମ୍ପର୍କୀୟମାନଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗର ଉପ ସଚିବ ଡଃ ରମେଶ ଚନ୍ଦ୍ର ବେହେରା ମହିଳା ସଶକ୍ତିକରଣ ଓ ନାରୀବାଦ ତଥା ପୋକ୍‌ସୋ ଆଇନ ବିଷୟରେ ଆଲୋଚନା କରିବା ସହିତ ଗ୍ରାମାଞ୍ଚଳରେ ପୋକ୍‌ସୋ ଆଇନର ବାର୍ତ୍ତା ଓ ଆଇନ ବିଷୟରେ ଅନଭିଜ୍ଞ ବ୍ୟକ୍ତିମାନଙ୍କ ପାଖରେ ପହଁଞ୍ଚାଇବାରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଓଡିଶା ହାଇକୋର୍ଟର ଅଭିଜ୍ଞ ଆଇନଜିବୀ ଆଶୁତୋଷ ମିଶ୍ର ପୋକ୍‌ସୋ ଆଇନର ବିଭିନ୍ନ ବିଧି ବ୍ୟବସ୍ଥାକୁ ସରଳ ଓ ପ୍ରାଞ୍ଜଳଭାବରେ ଉପସ୍ଥାପନ କରିଥିଲେ । ଲିଙ୍ଗଗତ ଭେଦରେ ସମସ୍ତଙ୍କୁ ସମାନ ସୁଯୋଗ ସୁବିଧା ଦିଆଯିବା ଓ ମହିଳାମାନଙ୍କର ସୁରକ୍ଷାର ସାମୂହିକ ଦାୟିତ୍ୱ ସମାଜ ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । +୩ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଜିଲା ଯୋଜନା ଅଧିକାରୀ ଡଃ ପଦ୍ମଜା କବି ଶତପଥୀ ଅତିଥି ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଜାତୀୟ ସେବାଯୋଜନା ଅଧିକାରୀ, ଅଧ୍ୟାପକ, ଅଧ୍ୟାପିକା ତଥା ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଜୟଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

